# <u>ପ୍ରେସ୍ ଇସ୍ତାହାର</u>

**ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏକ "ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ଭାଷା ଉତ୍ସବ " ଆସନ୍ତା ୨୦୨୩ ମସିହା ସେପ୍ଟେମ୍ବର ମାସ ୩୦ ତାରିଖ ଓ ଅକ୍ଟୋବର ୧ ତାରିଖରେ ଆୟୋଜନ କରୁଛନ୍ତି ।**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖ ଓ ଅକ୍ଟୋବର ମାସ ୧ ତାରିଖ ଦିନ ଭାରତୀୟ ଭାଷା ଉତ୍ସବ ଓ ତତ୍‌ସହିତ ଭାରତୀୟ ଭାଷା ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ପାଇଁ ଏକ ଦୁଇ ଦିନିଆ ଶିଖର ସମ୍ମିଳନୀର ଆୟୋଜନ କରିବାକୁ ଯାଉଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ୨୮ ତାରିଖଠାରୁ ୭୫ତମ ଭାରତୀୟ ଭାଷା ଉତ୍ସବର ଶୁଭାରମ୍ଭ ହେଉଅଛି। ଏହି ଉତ୍ସବକୁ ଭାରତ ସରକାରଙ୍କର ମାନ୍ୟବର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଡଃ ରାଜେନ୍ଦ୍ର ପ୍ରସାଦ ମାର୍ଗ, ଡଃ ବାବା ସାହେବ ଆମ୍ବେଦକରଙ୍କ ଆନ୍ତର୍ଜାତୀୟ କେନ୍ଦ୍ର, ନୂଆଦିଲ୍ଲୀଠାରେ ଶୁଭ ଉଦ୍‌ଘାଟନ ହେବ ବୋଲି ସ୍ଥିର କରାଯାଇଅଛି । ଏହାର ମୁଖ୍ୟ ସମ୍ଭାଷଣ ଶ୍ରୀଯୁକ୍ତ ଶ୍ରୀଧର ଭେମ୍ବୁ, ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଇ.ଆଇ.ଟି.ଡି.ଏମ(Indian Institute of Information Technology, Design and Manufacturing), କାଞ୍ଚିପୁରମ୍ ତଥା ଜୋହୋ ନିଗମର ମୁଖ୍ୟ ପରିଚାଳକ(Chief Executive Officer)ଙ୍କ ଦ୍ୱାରା ପ୍ରଦାନ କରାଯିବ ।

ଏହି ଶିଖର ସମ୍ମିଳନୀରେ ତିନୋଟି ମୌଳିକ ବିଷୟବସ୍ତୁ ଉପରେ ବିଶେଷ ଭାବରେ ଆଲୋକପାତ କରାଯିବ: ୧. ଭାରତୀୟ ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା, ୨. ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା,୩. ଭାରତୀୟ ଭାଷା ମାଧମରେ ପ୍ରଯୁକ୍ତିବିଦ୍ୟା। ଏହି ଆଲେଚନା ଚକ୍ର ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସଂପର୍କରେ ପ୍ରାକ୍-ନିୟୋଜିତ ତଥା କାର୍ଯ୍ୟରତ ଶିକ୍ଷକମାନଙ୍କ ସହିତ, ପାଠ୍ୟପୁସ୍ତକର ଲେଖକ, ପରୀକ୍ଷକ ଓ ବିଶେଷଜ୍ଞମାନଙ୍କ ପାଇଁ ବିଶେଷଭାବରେ ଜାତୀୟ ଶିକ୍ଷାନୀତି-୨୦୨୦ର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମର୍ଥ ହେବ । ଏହି ଦୁଇ ଦିବସୀୟ ଶିଖର ସମ୍ମିଳନୀ, ଭାରତୀୟ ଭାଷାସମୂହକୁ ବ୍ୟବହାର କରୁଥିବା ସମସ୍ତ ଶିକ୍ଷାଧିକାରୀମାନଙ୍କ ପାଇଁ ଏକ ପଥ ପ୍ରଦର୍ଶକ ଭାବରେ ସାହାଯ୍ୟ କରିବ ବୋଲି ଆଶା କରାଯାଏ । ଏହି ଶିଖର ସମ୍ମିଳନୀରେ ସାରା ଦେଶରୁ ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତା ତଥା; ଶିକ୍ଷାବିତ୍, ଛାତ୍ର, ଗବେଷକ, ପ୍ରଯୁକ୍ତିବିଦ୍ୟା ସଂପର୍କିତ ଶିକ୍ଷାବିତ୍, ଶିଳ୍ପ ଓ ବୈଷୟିକ ବିଶେଷଜ୍ଞ, ଗଣମାଧମ ଓ ବିଭିନ୍ନ ବର୍ଗର ଏକ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେବାର ଆଶା କରାଯାଏ । ଏହି ଶିଖର ସମ୍ମିଳନୀ ଭାରତୀୟ ଶିକ୍ଷା ମନ୍ତ୍ରଣାଳୟ (Ministry of Education), ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (Ministry of Skill development and Entrepreneurships) ଏବଂ ଏଥିସହିତ ସଂପୃକ୍ତଥିବା ବହୁ ଶିକ୍ଷାନୁଷ୍ଠାନ ଯଥା; ଭାରତୀୟ ଭାଷା ସଂସ୍ଥାନ(Central Institute of Indian Languages), ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (University Grant Commission), ଜାତୀୟ ଶୈକ୍ଷିକ ଓ ପ୍ରଯୁକ୍ତିବିଦ୍ୟା ଫୋରମ (National Educational Technology Forum), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (All India Council for Technical Education), ଜାତୀୟ ଧନ୍ଦାମୂଳକ ଓ ବୈଷୟିକ ଶିକ୍ଷା ତାଲିମ୍ ପରିଷଦ (National Council for vocational Training), ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (National Council for Teacher Education), ଭାରତୀୟ ଭାଷା ସମିତି (BBS) ଇତ୍ୟାଦିଙ୍କ ଦ୍ୱାରା ପରିଚାଳିତ ହେବ ।

ଏହି ଶିଖର ସମ୍ମିଳନୀର ସବିଶେଷ ତଥ୍ୟ ଆମର ନିମ୍ନୋକ୍ତ ୱେବସାଇଟ୍‌ରେ ଉପଲବ୍ଧ ହେବ : https: //technology-bharatiyabhasha.aicte- india.org ।